## ଧର୍ମପରାୟଣ ମହିଳାଙ୍କ ପରଲୋକ

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ ଧୁବାପାଳ ଗ୍ରାମର ସାମାଜିକ କର୍ମୀ ମଦନମୋହନ ପ୍ରଧାନଙ୍କ ସ୍ତ୍ରୀ ଗୁନୁବାଳା ପ୍ରଧାନଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଗୁନୁବାଳା ଜଣେ ଧର୍ମପରାୟଣ ମହିଳା ଥିଲେ। କିଛି ଦିନ ହେଲା ସେ ଅସୁସ୍ଥ ଥିବାରୁ କଟକରେ ଚିକିତ୍ସାଧୀନ ଥିଲେ। ଏହି ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହିତ ପରିବାରକୁ ସମବେଦନା ଜଣାଯାଇଛି। ସରପଞ୍ଚ ସୁଜାତା ପ୍ରଧାନ, ସମିତି ସଭ୍ୟା ମିନାକ୍ଷୀ ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଭାଜପା କାର୍ଯ୍ୟକର୍ତ୍ତା ଓ କଣିହାଁ ବଜାର କମିଟି ସଦସ୍ୟମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ସଂକ୍ଷେପରେ

### ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେବ ଯବାନଙ୍କ ଶେଷକୃତ୍ୟ

କାମାକ୍ଷାନଗର,୬ା୧୦ (ସୁଧୀର ପରିଡ଼ା)

ସିକିମ୍‌ରେ ବାଦଲଫଟା ବର୍ଷା ପରେ ବନ୍ୟାରେ ଭାସିଯାଇ ପ୍ରାଣ ହରାଇଥିବା ଓଡ଼ିଆ ଯବାନ ସରୋଜ କୁମାର ଦାସଙ୍କ ପାର୍ଥିବ ଶରୀର ଶନିବାର ତାଙ୍କ ଗ୍ରାମ ଢେଙ୍କାନାଳ ଜିଲା ଭୁବନ ବ୍ଲକ ତଥା କାମାକ୍ଷାନଗର ଥାନା ଅନ୍ତର୍ଗତ ଦିଘି ପଞ୍ଚାୟତ କେନ୍ଦୁଢିପ ଗ୍ରାମରେ ପହଞ୍ଚିବ। ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଏ ନେଇ ସେନା ପକ୍ଷରୁ ସୂଚନା ଦିଆଯାଇଥିବା ସରୋଜଙ୍କ ବଡ଼ଭାଇ ମନୋଜ କୁମାର ପ୍ରକାଶ କରିଛନ୍ତି। ମନୋଜ କହିଛନ୍ତି, ଶନିବାର ଅପରାହ୍ନ ୧ଟା ୪୫ ମିନିଟରେ ସରୋଜଙ୍କ ପାର୍ଥିବ ଶରୀର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବ। ସେଠାରୁ ଗ୍ରାମକୁ ଅଣାଯାଇ ଗ୍ରାମ ପରିକ୍ରମା କରିବା ପରେ ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ କରାଯିବ। ଏଥିପାଇଁ ଗାଁ ଶ୍ମଶାନ ପଡ଼ିଆରେ ପ୍ରସ୍ତୁତି କରାଯାଉଥିବା ମନୋଜ ପ୍ରକାଶ କରିଛନ୍ତି।

# ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ବିକାଶ କାର୍ଯ୍ୟ ସମୀକ୍ଷା

ଢେଙ୍କାନାଳ,୬ା୧୦(ରତନ ନାୟାର)



ଜିଲାର ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ଗୁଡିକର ବିକାଶ କାର୍ଯ୍ୟ ସମୀକ୍ଷା କରାଯାଉଛି।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲ୍‌ଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଜିଲାର ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନଗୁଡ଼ିକର ବିକାଶ କାର୍ଯ୍ୟ ସମୀକ୍ଷା କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହି ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଯୋଜନାରେ ଜିଲାର ୫୬ଟି କଲେଜର ବିକାଶ କାର୍ଯ୍ୟ ସମୀକ୍ଷା କରି ସମସ୍ତ କାର୍ଯ୍ୟ ସ୍ମାର୍ଟ କ୍ଲାସ, ଶୌଚାଳୟ, ବିଜ୍ଞାନାଗାର, ପୁରୁଣା ଶ୍ରେଣୀଗୃହ ମରାମତି, ଖେଳ ପଡିଆ ଉନ୍ନତୀକରଣ, ଚାରା ରୋପଣ, କଲେଜ ପରିସର ସୌନ୍ଦର୍ଯ୍ୟକରଣ, ଆପ୍ରୋଚ୍ ରୋଡ ନିର୍ମାଣ ଆଦି ନଭେମ୍ବର ଶେଷ ସୁଦ୍ଧା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଅଧ୍ୟକ୍ଷ, ଛାତ୍ରୀଛାତ୍ର, ବିଡିଓ ଓ ନିର୍ବାହୀଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମୌଳିକ ସୁବିଧା ସୁଯୋଗ ଉପରେ ଧ୍ୟାନଦେଇ ସମସ୍ତ କାର୍ଯ୍ୟ ଯେପରି ଉନ୍ନତମାନର ହେବ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ କହିଥିଲେ। ସମସ୍ତ ଛାତ୍ରୀଛାତ୍ର ଶୃଙ୍ଖଳିତ ହୋଇ ପରିସରର ସ୍ୱଚ୍ଛତା ଓ ସୁନ୍ଦରତା ବୃଦ୍ଧିକରି ପାଠ ପଢିବା ଏବଂ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି ସହିତ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ଜିଲାର ୫୬ଟି କଲେଜର ବିକାଶ କାମ ପାଇଁ ସମୁଦାୟ ୩୨କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ଜିଲାରେ ଥିବା ପ୍ରମୁଖ ୪୨୬ଟି ଧର୍ମାନୁଷ୍ଠାନର ବିକାଶ କାର୍ଯ୍ୟ ମଧ୍ୟ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଜିଲାରେ ଥିବା ମନ୍ଦିର, ଚର୍ଚ୍ଚ ଏବଂ ମସ୍‌ଜିଦର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ୧୭କୋଟି ୫୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପ୍ରତ୍ୟେକ ଧର୍ମାନୁଷ୍ଠାନର ବିକାଶ ନିମନ୍ତେ ପ୍ରାୟ ୪ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏହି ଅବସରରେ ସେ ସମସ୍ତ ବ୍ଲକରେ ଥିବା ପ୍ରମୁଖ ଧର୍ମାନୁଷ୍ଠାନ କର୍ମକର୍ତ୍ତା ଓ ଚାଲୁଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିଡିଓମାନଙ୍କ ସହିତ ଆଲୋଚନା କରିଥିଲେ। ଧର୍ମାନୁଷ୍ଠାନ ଗୁଡିକର ସମସ୍ତ ବିକାଶ କାର୍ଯ୍ୟ ନଭେମ୍ବର ମାସ ସୁଦ୍ଧା ଶେଷ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଭୁବନ ବ୍ଲକର ୪୧ଟି, ସଦର ବ୍ଲକର ୭୮ଟି, ଗଁଦିଆ ବ୍ଲକର ୫୦, ହିନ୍ଦୋଳ ବ୍ଲକର ୭୧, କାମାକ୍ଷାନଗର ବ୍ଲକର ୫୭, କଙ୍କଡାହାଡ ବ୍ଲକର ୩୨, ଓଡାପଡା ବ୍ଲକର ୪୧, ପରଜଙ୍ଗ ବ୍ଲକର ୫୭ ଧର୍ମାନୁଷ୍ଠାନ ବିକାଶ କାର୍ଯ୍ୟ ଜାରି ରହିଛି। ଏହିସବୁ ଧର୍ମାନୁଷ୍ଠାନର ବିକାଶ କାର୍ଯ୍ୟ ସମ୍ପୃକ୍ତ ଧର୍ମାନୁଷ୍ଠାନ ପରିଚାଳନା କମିଟିର ତତ୍ତ୍ୱାବଧାନରେ କରାଯାଉଛି।

# ପୁଷ୍ଟିଶସ୍ୟ ରୋଷେଇ ପ୍ରତିଯୋଗିତା

ଢେଙ୍କାନାଳ,୬ା୧୦(ରତନ ନାୟାର)

ଅନ୍ତର୍ଜାତୀୟ ପୁଷ୍ଟି ଶସ୍ୟ ବର୍ଷ ଅବସରରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ କୃଷି ବୈଷୟିକ ପରିଚଳନା ସଂସ୍ଥା (ଆତ୍ମା) ଢେଙ୍କାନାଳ ସହାୟତାରେ ୱାସନ ଓ ଇଡିଅଟ ପକ୍ଷରୁ ମିଲେଟ ପୁଷ୍ଟିଶସ୍ୟ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମିଲେଟ ମିଶନ ଜିଲା ସଂଯୋଜକ ରାକେଶ କୁମାର ସାହୁ, ଜିଲା ହିସାବ ରକ୍ଷକ ଜୟରାମ ପ୍ରଧାନ, କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା)ର ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଅଧ୍ୟାପକ ଅଶୋକ ମହାରଣା, ଇଡିଅଟର ନିର୍ଦ୍ଦେଶକ ଶିଶିର ଶତପଥୀ, ସଦସ୍ୟ ସଚିବ ସରୋଜ ଶତପଥୀ, ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରେମାନନ୍ଦ ଧଳ, ସହକାରୀ ବ୍ଲକ ସଂଯୋଜକ ରଞ୍ଜନ କୁମାର ସାହୁ, କାର୍ଯ୍ୟକ୍ରମ ସଂଯୋଜକ ଶିଶିର ପାଣି, ବିରଞ୍ଚି ମହାରଣା, ଶକ୍ତି ପ୍ରସାଦ ସାମଲ, ରମାକାନ୍ତ ସାହୁ, ଟିକିନି ଦେହୁରୀ ଓ ଟୁଟୁ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମାଣ୍ଡିଆ, କାଙ୍ଗୁ, ଜହ୍ନରେ ପ୍ରସ୍ତୁତ ଅନେକ ପ୍ରକାର ଖାଦ୍ୟ ୧୫ ଜଣ ପ୍ରତିଯୋଗୀ ପ୍ରସ୍ତୁତ କରିଥିଲେ। ୧୦ ଜଣ କଲେଜ ଛାତ୍ରୀ ଓ ୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା।


ପୁଷ୍ଟିଶସ୍ୟ ରୋଷେଇ ପ୍ରତିଯୋଗିତାରେ ଅତିଥିମାନଙ୍କ ସହ ପ୍ରତିଯୋଗୀମାନେ।

# ଶିଶୁ ମହୋତ୍ସବରେ ୧୬୦ ପ୍ରତିଯୋଗୀ

ଢେଙ୍କାନାଳ,୬ା୧୦(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଶଙ୍କରପୁର ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି - ୨୦୨୩ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ରମା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶଙ୍କରପୁର ସରପଞ୍ଚ ରବୀନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ନନ୍ଦ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ନୀଳମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୨ଟି ଉଚ୍ଚ ବିଦ୍ୟାଳୟର ୧୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମାଣ୍ଡିଆ ମିଶନ ଉପରେ ଜଣା ଅଜଣା, ବକ୍ତୃତା, ଚିତ୍ରାଙ୍କନ, ଗୀତ, ନାଚ, ଡ୍ରାମା, କଳା ଓ ହସ୍ତଶିଳ୍ପ ଆଦି ପ୍ରତିଯୋଗିତା ହୋଇଥିଲା। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ବିଶେଷ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାମଧେନୁକୋଟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗଣେଶ୍ୱର ପ୍ରଧାନ ସହଯୋଗ କରିଥିଲେ।



ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଧର୍ମାନୁଷ୍ଠାନର ଉନ୍ନତି ପାଇଁ ସହାୟତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ସାତମାଇଲ,୬ା୧୦(ସୁଶାନ୍ତ ପତି)

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବିଭିନ୍ନ ମନ୍ଦିର, ମଠର ଉନ୍ନତୀକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ରାଜୀବ ଗାନ୍ଧୀ ସେବାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ବିଭିନ୍ନ ଧର୍ମାନୁଷ୍ଠାନର ଉନ୍ନତୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶି ପ୍ରଦାନ କରିଥିବାରୁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିୟକାନ୍ତ ସ୍ୱାଇଁ ଓ ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ସହାୟତା ରାଶିର ଏକ ଲିଖିତପତ୍ର ଗ୍ରହଣ କରିଥିଲେ। ୪୧ ଗୋଟି ଧର୍ମାଷ୍ଠନକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସିକିମ୍ ବୁଲିବାକୁ ଯାଇ ଛାତ୍ର ନିଖୋଜ

ଢେଙ୍କାନାଳ,୬ା୧୦ (ରତନ ନାୟାର)



ଢେଙ୍କାନାଳ ଜିଲା ସଦର ଥାନା ସିମିନଇ ଗ୍ରାମର ଇଞ୍ଜିନିୟରିଂ ଛାତ୍ର ଚନ୍ଦ୍ରଶେଖର ସିଂ(୨୬) ସିକିମ୍ ବୁଲିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଫଳରେ ତାଙ୍କ ପରିବାର ଆଶଙ୍କାରେ ରହିଛନ୍ତି। ପୁଅକୁ ଖୋଜାଖୋଜି କରି ବାହାର କରିବା ପାଇଁ ପରିବାର ସଦସ୍ୟ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ନିଖୋଜ ଚନ୍ଦ୍ରଶେଖର ଜଣେ ଇଞ୍ଜିନିୟରିଂ ପାସ୍ ଛାତ୍ର। ସେ ଅଙ୍କରାନ୍ତିପୁର ଢେଙ୍କାନାଳ, ଚୌଦ୍ୱାର ଓ ଭୁବନେଶ୍ୱର ଅଞ୍ଚଳର ୭ଜଣ ସାଙ୍ଗଙ୍କ ସହ ମିଶି ସିକିମ୍ ବୁଲିବାକୁ ଯାଇଥିଲେ। କିନ୍ତୁ ତାଙ୍କ ସମ୍ପର୍କରେ କୌଣସି ଖୋଜଖବର ନ ମିଳିବାରୁ ପରିବାର ଲୋକ ଆତଙ୍କିତ ହୋଇପଡିଛନ୍ତି। ଗତ ୨ ତାରିଖ ରାତି ୯ଟାରେ ପରିବାର ଲୋକେ ପୁଅ ସହିତ କଥା

**ଆଶଙ୍କାରେ ପରିବାର, ପ୍ରଶାସନର ଦ୍ୱାରସ୍ଥ**

ହୋଇଥିଲେ। ସେହିଦିନ ମଧ୍ୟ ରାତିରେ ପ୍ରବଳ ବର୍ଷା ଯୋଗୁ ସିକିମ୍‌ରେ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଚନ୍ଦ୍ରଶେଖରଙ୍କୁ ଖୋଜିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବେ ବୋଲି ଜଣାଇଛନ୍ତି।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଢେଙ୍କାନାଳ,୬ା୧୦(ରତନ ନାୟାର)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ବିଚାରପତି ସୂର୍ଯ୍ୟମଣି ମହାପାତ୍ର ଅଭିଯୁକ୍ତ ଶତ୍ରୁଘ୍ନ ଦେହୁରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ୨୫ ନଭେମ୍ବର ୨୦୧୮ରେ ମୋଟଙ୍ଗା ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକା ନିଜ ସମ୍ପର୍କୀୟଙ୍କ ପିଣ୍ଡାରେ ବସିଥିବା ବେଳେ ସେହି ଗ୍ରାମର ଶତ୍ରୁଘ୍ନ ଦେହୁରୀ ସନ୍ଧ୍ୟା ୭ଟା ସମୟରେ ନାବାଳିକାଙ୍କୁ ପାଖ ବିଲକୁ ଡାକିନେଇ ବଳାତ୍କାର କରିଥିଲେ। ପୀଡିତା ତାଙ୍କ ମା, ବାପାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ମୋଟଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ-୨୦୪/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶତ୍ରୁଘ୍ନଙ୍କୁ ଗିରଫ କରିଥିଲା। ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ଆଡିଶନାଲ ସେସନ୍ସ ଜଜ୍ ସୂର୍ଯ୍ୟମଣି ମହାପାତ୍ର ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ବରିଷ୍ଠ ପବ୍ଲିକ ପ୍ରସିକ୍ୟୁଟର ଅଲିମ ଖାନ ପରିଚାଳନା କରିଥିଲେ।

# ମୃତ ଯବାନ ସରୋଜଙ୍କୁ ଶ୍ରଦ୍ଧାଞ୍ଜଳି



କାମାକ୍ଷାନଗର ସହରରେ ଜନସାଧାରଣଙ୍କ ପକ୍ଷରୁ ମିଳିତ କ୍ୟାଣ୍ଡେଲ ଶୋଭାଯାତ୍ରା।

କାମାକ୍ଷାନଗର,୬ା୧୦(ଅମଜାଦ ଖାନ)

ସିକିମ୍ ବନ୍ୟାରେ ପ୍ରାଣ ହରାଇଥିବା ଓଡ଼ିଆ ଯବାନ ତଥା ଢେଙ୍କାନାଳ ଜିଲାର ପୁଅ ସରୋଜ କୁମାର ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ କାମାକ୍ଷାନଗର ସହରରେ ଜନସାଧାରଣଙ୍କ ପକ୍ଷରୁ ମିଳିତ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଜଗନ୍ନାଥ ମନ୍ଦିର ଠାରୁ ଏହି ଶୋଭାଯାତ୍ରା ବାହାରି ବିଭିନ୍ନ ନାରା ଦେଇ ସହର ପରିକ୍ରମା କରାଯାଇଥିଲା। ତିସ୍ତା ନଦୀ ବନ୍ୟାରେ ପ୍ରାଣ ହରାଇଥିବା କାମାକ୍ଷାନଗର ଥାନା କେନ୍ଦୁଢ଼ିପ ଗାଁର ବୀର ଯବାନ ସରୋଜଙ୍କୁ ସମସ୍ତ ଅଞ୍ଚଳବାସୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଶୋଭାଯାତ୍ରାରେ ଓକିଲ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ରାଜନେତା, ବ୍ୟବସାୟୀ ଓ ଖବରଦାତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ସାମିଲ ହୋଇଥିଲେ।

# ପରିବେଶ ପରିଷ୍କାର ସାମାଜିକ ଦାୟିତ୍ୱ

ଢେଙ୍କାନାଳ,୬ା୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡା ଅହମ୍ମଦିଆ ମୁସଲିମ ଯୁବ ସଙ୍ଗଠନ ମଜଲିସ୍ ଖୁଦ୍ଦାମଲ୍ ଅହମ୍ମଦିଆ ଆନୁକୂଲ୍ୟରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମୂହିକ ନିରବ ପ୍ରାର୍ଥନା ପରେ ଯୁବକମାନେ ଗୁଣ୍ଡିଚାପଡା ଶହୀଦ ସ୍ମାରକୀ ଓ ପ୍ରମୁଖ ରାସ୍ତାକୁ ସଫା କରିଥିଲେ। ଯୁବ ସଙ୍ଗଠନର ଅଧ୍ୟକ୍ଷ ମହମ୍ମଦ ଖାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷ ପରିବେଶ ସଫା ସୁତରା ରଖିବା ଆମ ସମସ୍ତଙ୍କ ସାମାଜିକ ଦାୟିତ୍ୱ ବୋଲି କହିଥିଲେ। ସଲିମଉଦ୍ଦିନ ଖାନ, ଯୁବ ସଙ୍ଗଠନ ଉପାଧ୍ୟକ୍ଷ ରମଜାନ ବକ୍ସ, କୋଷାଧ୍ୟକ୍ଷ ଶେଖ ଜହିର, ଅସ୍କର ଉଦ୍ଦିନ, ସମସେର ଖାନ, ସଫିର ଅହମ୍ମଦ, ହମାଦ ଖାନ୍, ହସୁର ଖାନ ପ୍ରମୁଖ ଯୋଗ ଦେଇଥିଲେ।


ଅହମ୍ମଦିଆ ମୁସଲିମ ଯୁବ ସଙ୍ଗଠନର ସ୍ୱଚ୍ଛତା କାର୍ଯ୍ୟକ୍ରମ।

# ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ,୬ା୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଆଦିବାସୀ ବହୁଳ ଗ୍ରାମ ନେହେଙ୍ଗେରାରେ ଗତ ୧ ତାରିଖ ଠାରୁ ସ୍ଥାନୀୟ କିଶାନ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ନବୀନ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଗଁଦିଆ ଅଞ୍ଚଳରେ ଥିବା ଆଦିବାସୀ ଗ୍ରାମ ନେହେଙ୍ଗେରା, ଗୋଠତଳ, ଶ୍ରୀମନ୍ତପୁର, ବାଲିକିଆରୀ, ଛୋଟତେନ୍ତୁଳି, ଫୁଲଝର, ପିମ୍ପିରିଆ, ଗହ୍ଲାରିଆ ଆଦିକୁ ନେଇ ଏକ ଆଦିବାସୀ ପଞ୍ଚାୟତ ଗଠନ ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ଅସିତ ମହାନ୍ତି, ସରୋଜ ମହାଳିକ, ଭାଗ୍ୟବାନ ପ୍ରଧାନ, ଶିବଲାଲ କାଲୁଣ୍ଡିଆ, ମିଲନ କୁମାର ସାହୁ, ରାଜେନ୍ଦ୍ର ମହାଳିକ ଓ ସିଲୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦୀର୍ଘ ୫ଦିନ ଧରି ଚାଲିଥିବା ଏହି ମ୍ୟାଚରେ ୬୦ରୁ ଅଧିକ ଆଦିବାସୀ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଦିବାସୀ ନେତା ନରେନ୍ଦ୍ର ଶୁଣ୍ଢି ଓ ଜଟିଆ ମୁଣ୍ଡା ପରିଚାଳନା କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

# ବାଇକ୍ ଧକ୍କାରେ ମହିଳା ମୃତ

ଅନୁଗୋଳ,୬ା୧୦ (ଅମିତ କୁମାର ସାମଲ)

ଅନୁଗୋଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ଶୁକ୍ରବାର ମୋଟରସାଇକେଲ ଧକ୍କାରେ ମୁଷାପାପୁଲି ଗାଁର ପରି ସାହୁ (୫୦)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ପରି ସଉଦା କିଣିବାକୁ ଗାଁ ଛକକୁ ଆସି ଫେରୁଥିବା ବେଳେ ଡେରେଜାଙ୍ଗକୁ ଯାଇଥିବା ରାସ୍ତା ନିକଟରେ ତାଙ୍କୁ ଏକ ମୋଟରସାଇକେଲ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପରିଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ମୋଟରସାଇକେଲ ଚାଳକ ଓ ଅନ୍ୟଜଣେ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

# ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ବିଜୟୀ


ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ।

ଢେଙ୍କାନାଳ,୬ା୧୦(ରତନ ନାୟାର)

**ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ**

ଢେଙ୍କାନାଳ ଷ୍ଟାଡିୟମଠାରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲା ପ୍ରଶାସନ, ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ଦଳ ପପୁଲାର କ୍ଲବ ନରଣପୁର ଢେଙ୍କାନାଳକୁ ୩-୧ ଗୋଲରେ ପରାସ୍ତ କରିଛି। ଏହି ମ୍ୟାଚକୁ ରେଫରୀ ଅନିଲ କୁମାର ନନ୍ଦ, ଶଶିକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ, ପରିଚାଳନା କରିଥିଲେ। ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗ ଦେଇଥିଲେ। ଶନିବାର ପ୍ରଥମ ସେମି ଫାଇନାଲ ତାମିଲନାଡୁ ପୋଲିସ ଓ ସନରାଇଜ କ୍ଲବ କଟକ ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।

## ସଂକ୍ଷେପରେ

### ଠାକୁରଗଡ଼ କଲେଜର ଜମି ଚିହ୍ନଟ

ବଇଣ୍ଡା,୬।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟର ଜମି ଚିହ୍ନଟ କାର୍ଯ୍ୟ ଶୁକ୍ରବାର ଶେଷ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମହାବିଦ୍ୟାଳୟର ଉନ୍ନତି ପାଇଁ ୨ ଏକର ୪୨ ଡିସିମିଲ ଜମି ପ୍ରଦାନ କରାଯାଇଥିବା ବେଳେ ଉକ୍ତ ଜମିକୁ କେତେଜଣ ଜବରଦଖଲ କରିଥିଲେ। ତେଣୁ ଆଠମଲ୍ଲିକ ତହସିଲ ପକ୍ଷରୁ ଉକ୍ତ ଜମି ଚିହ୍ନଟ କରାଯାଇ ତାହାକୁ ମହାବିଦ୍ୟାଳୟକୁ ହସ୍ତାନ୍ତର କରାଯାଇଛି। ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର, ତହସିଲଦାର ଶ୍ୟାମ ସୁନ୍ଦର ସାହୁ, ବିଡିଓ ସୌଭାଗ୍ୟ ବେହେରା, ଠାକୁରଗଡ଼ ଥାନା ଆଇଆଇସି ପ୍ରିୟବ୍ରତ ଦାସ, କଲେଜ ଅଧ୍ୟକ୍ଷା ପ୍ରତିମା ବାଘ ପ୍ରମୁଖ ଉପସ୍ଥିତ ଥିଲେ।



# ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ନବୀନ ସରକାର



କିଶୋରନଗର ବ୍ଲକରେ ଅନୁଷ୍ଠିତ ବିଜେଡିର ଜନ ସମ୍ପର୍କ ପଦଯାତ୍ରାରେ ନେତାମାନେ।

ବଇଣ୍ଡା,୬।୧୦ (ପରିକ୍ଷିତ ସାହୁ)

ଗ୍ରାମାଞ୍ଚଳର କିଭଳି ବିକାଶ ହେବ ସେ ନେଇ ନବୀନ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଏକାଧିକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେଣୁ ନବୀନଙ୍କ ହାତମୁଠାକୁ ଟାଣ କରବା ପାଇଁ ଅଞ୍ଚଳବାସୀ ଏକଜୁଟ୍ ହୁଅନ୍ତୁ ବୋଲି ଶୁକ୍ରବାର କିଶୋରନଗର ବ୍ଲକରେ ଅନୁଷ୍ଠିତ ବିଜେଡିର ଜନ ସମ୍ପର୍କ ପଦଯାତ୍ରାରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଗାଁ ବଇଣ୍ଡା ଠାରେ ଏହି ପଦଯାତ୍ରାରେ ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରି ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ମହେଶ୍ୱର ଦେହୁରୀ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ମାନସ କୁମାର ସାହୁ, ଦୁର୍ଯୋଧନ ପ୍ରଧାନ, ତପନ ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ। ଗାଁ ବଇଣ୍ଡାଠାରୁ ଏହି ପଦଯାତ୍ରା ବାହାରି ନୁନୁକାପଶି, କଦଳୀମୁଣ୍ଡା, ବଇଣ୍ଡା, ଶରଧାମୁଣ୍ଡା, ଲୁହାମୁଣ୍ଡା ଆଦି ଗ୍ରାମ ପରିକ୍ରମା କରିଥିଲା।

## ନଗର କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ

ତାଳଚେର,୬।୧୦(ମନୋଜ ନନ୍ଦ)

ତାଳଚେର ମେଡିକାଲ କଲେଜ ଏଯାଏ କାର୍ଯ୍ୟକ୍ଷମ କରା ନ ଯିବା, ଜାତୀୟ ରାଜପଥକୁ ୪ ଲେନ କରିବା, ଘଣ୍ଟପଡା-ହାଣ୍ଡିଧୁଆ ଓଭରବ୍ରିଜ କାର୍ଯ୍ୟ ଶେଷ ନ ହେବାର ପ୍ରତିବାଦ ସହ ତାଳଚେର ରେଳ ଷ୍ଟେଶନକୁ ସମସ୍ତ ଟ୍ରେନ ଆସିବା ଦାବି ନେଇ ତାଳଚେର ନଗର କଂଗ୍ରେସ ପକ୍ଷରୁ ସହର ପରିକ୍ରମା ସହ ବିକ୍ଷୋଭ କରାଯାଇଛି। ଏଥିସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ନଗର କଂଗ୍ରେସ ସଭାପତି ସତୀଶ କୁମାର ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ପିସିସି କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସାହୁ, ଜିଲା ସାଧାରଣ ସମ୍ପାଦକ ବୀରବର ସାହୁ, ଜିଲା ସମ୍ପାଦକ ପ୍ରଦୀପ ମହାରଣା, ସେବା ଦଳର ରାଜ୍ୟ ସମ୍ପାଦକ ସଞ୍ଜୀବ ନାଏକ, ଜିଲା ସେବାଦଳ ଅଧ୍ୟକ୍ଷ ସୌମ୍ୟ ସଞ୍ଜୀବ ମିଶ୍ର, ଗାଣ୍ଡୁ ପରିଡା, ଗଣପତି ସାହୁ, ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଅଜଣା ବ୍ୟକ୍ତିଙ୍କୁ ଓଟିପି ଦିଅନ୍ତୁ ନାହିଁ

### ସାଇବର ସୁରକ୍ଷା ଅଭିଯାନରେ କରାଗଲା ସଚେତନ

ବଇଣ୍ଡା,୬।୧୦ (ପରିକ୍ଷିତ ସାହୁ)

ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଜାଣି ନ ଥିବା ଲୋକେ ମୋବାଇଲକୁ ଆସୁଥିବା ଓଟିପି ଦେବା ସହ ଠକେଇର ଶିକାର ହେଉଛନ୍ତି। ତେଣୁ ମୋବାଇଲକୁ ଆସୁଥିବା ଅଜଣା କଲ୍ ଓ ଅଜଣା ଲୋକଙ୍କୁ ଓଟିପି ନ ଦେବାକୁ ଅନୁଗୋଳ ଜିଲା ସାଇବର ଥାନା ପକ୍ଷରୁ ଶୁକ୍ରବାର କିଶୋରନଗର ବ୍ଲକ ବଇଣ୍ଡା ସାପ୍ତାହିକ ହାଟ ନିକଟରେ ଅନୁଷ୍ଠିତ ସାଇବର ସୁରକ୍ଷା ଅଭିଯାନ ୨୦୨୩ ସଚେତନତା କାର୍ଯ୍ୟକ୍ରମରେ ପରାମର୍ଶ ଦିଆଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ସାଇବର ଥାନା ଅଧିକାରୀ ବିଭୂତି ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ, ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର ପ୍ରମୁଖ ଯୋଗ ଦେଇ କିଭଳି ସାଇବର ଠକେଇରୁ ଜନସାଧାରଣ ରକ୍ଷା ପାଇବେ ସେ ନେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାରମାନେ ମଧ ନାଟକ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ। ଏଥିରେ ବଇଣ୍ଡା ଫାଣ୍ଡି ଅଧିକାରୀ ସୃତି ରଞ୍ଜନ ନାୟକ, ହଣ୍ଡପା ଥାନା ଏଏସଆଇ ଚିତ୍ତରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଆନ୍ଦୋଳନ କରିବ ଭାଜପା କୃଷକ ମୋର୍ଚ୍ଚା



ବୈଠକରେ ଉପସ୍ଥିତ ଭାଜପା କୃଷକ ମୋର୍ଚ୍ଚାର କର୍ମକର୍ତ୍ତାମାନେ।

ଅନୁଗୋଳ,୬।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର କୃଷକ ମୋର୍ଚ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ ରାଜ୍ୟ ସରକାର କୃଷକ ବିରୋଧୀ ବୋଲି ଅଭିଯୋଗ କରିଥିଲେ। ଏଥିସହ ଆଗାମୀ ଦିନରେ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ମୋର୍ଚ୍ଚାର ରାଜ୍ୟ ସଭାପତି ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁଙ୍କୁ ଜିଲା ସଭାପତି ଡିଲେଶ୍ୱର ପ୍ରଧାନ ଏବଂ ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝିଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ମୋର୍ଚ୍ଚା ଜିଲା ସଭାପତି ବିଜୟ ମାଝି ବୈଠକରେ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଜଲା ସଭାପତି ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଜିତେନ୍ଦ୍ର ପ୍ରଧାନ, ସୁଶାନ୍ତ ସାମଲ, ବିଭୂତି ସାହୁ, ଅଜିତ ପ୍ରଧାନ, ପ୍ରଶାନ୍ତ ପୃଷ୍ଟି ଏବଂ ପ୍ରବୀଣ ସାହୁଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

## ମହିଳାଙ୍କ ଘରେ ପଶିଥିବା ପୋଲିସ ଅଟକ

ବଇଣ୍ଡା,୬।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଥିବା ଏକ ଥାନାର ଜଣେ ଅଧିକାରୀ ଶୁକ୍ରବାର ସନ୍ଧ୍ୟାରେ ଜନୈକା ମହିଳାଙ୍କ ଘରେ ପଶିଥିବା ବେଳେ ଅଟକ ରହିବା ଚର୍ଚ୍ଚାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ, ସମ୍ପୃକ୍ତ ପୋଲିସ ଅଧିକାରୀ ଜଣଙ୍କ ମହିଳାଙ୍କ ସହ ଚୋରା ପ୍ରେମ ସମ୍ପର୍କ ରଖିଥିଲେ। ମହିଳାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାର ସୁଯୋଗ ନେଇ ପୂର୍ବରୁ ସେ ଅନେକଥର ମହିଳାଙ୍କ ଘରକୁ ଯାତାୟାତ କରିଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ଜାଣି ପୋଲିସ ଅଧିକାରୀ ସେଠାକୁ ଯାଇଥିଲେ। ଘର ଭିତରେ ଉଭୟ ମହିଳା ଓ ପୋଲିସ ଅଧିକାରୀ ଥିବା ଦେଖି ପରିବାର ଲୋକେ ବାହାରପଟରୁ ତାଲା ପକାଇ ଦେଇଥିଲେ। ଏହି ଘଟଣା ପ୍ରଚାର ହେବା ପରେ ଘଟଣାସ୍ଥଳକୁ ବରିଷ୍ଠ ପୋଲିସ ଅଧିକାରୀ ଯାଇଥିବା ଜଣାପଡିଛି।

# ଶହୀଦ ବାଜି ରାଉତଙ୍କ ସ୍ମୃତିଚାରଣ

ତାଳଚେର,୬।୧୦(ମନୋଜ ନନ୍ଦ)

ତାଳଚେର ଦେଉଳବେଢ଼ାସ୍ଥିତ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ କାର୍ଯ୍ୟାଳୟ ଠାରେ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏମ୍‌ପି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ଦ୍ୱାରା ପ୍ରତିଷ୍ଠିତ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ ଓ ଆଗେଇବା ପରିବାରର ସଦସ୍ୟ ଯୋଗଦେଇ ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଦେବାଶିଷ ଘୋଷ, ଆମ ପ୍ରତିଭା ଆମ ପରିଚୟର ସଭାପତି ରମେଶ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ଡ. ନିମାଇଁ ଚରଣ ପ୍ରଧାନ, ଆଗେଇବାର ପରିଚାଳନା ସମ୍ପାଦକ ଗଦାଧର ସାହୁ, ଜର୍ମାନୀ ଭୂତିଆ, ଶ୍ରମିକ ନେତା ସୁବାସ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ପଙ୍କଜ ଲୋଚନ ପ୍ରଧାନ, ତପନ କୁମାର ମହାରଣା, ବାବୁନି ସ୍ୱାଇଁ, କାଉନସିଲର ଯଶୋବନ୍ତ ମିଶ୍ର, ଦେବନ ବେହେରା, ରାଜୀବ ରାଉତ, ରାଜୁ ଜେନ, ରୋହିତ ବେହେରା, ବାବୁଲା ଶତପଥୀ, ସୁନୀଲ ପ୍ରଧାନ, ନିର୍ମଳ ସାହୁ, କୁଶ ବିହାରୀ ସାମଲ, ଜିତେନ୍ଦ୍ର ମହାପାତ୍ର, ପ୍ରଦୀପ ବେହେରା, ବଳରାମ ବେହେରା, କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ଦେଉଳବେଢ଼ାସ୍ଥିତ ଏମ୍‌ପିଙ୍କ କାର୍ଯ୍ୟାଳୟ ଠାରେ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳନ ଅବସରରେ ଏମ୍‌ପିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ।

# ଓଲଟିଲା କାର୍, ଚାଳକ ଆହତ

ଛେଣ୍ଡିପଦା,୬।୧୦(ଡି.ଏନ.ଏ.)

ଅନୁଗୋଳ-ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା ସିଆରିମାଳିଆ ବ୍ରିଜ୍ ନିକଟସ୍ଥ ବୁଲାଣିରେ ଶୁକ୍ରବାର ଏକ କାର୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ତେବେ କାର୍ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ, ଶୁକ୍ରବାର ଅପରାହ୍ନ ୨ଟାରେ ଛେଣ୍ଡିପଦା ଅଞ୍ଚଳରୁ ଏକ କାର୍ ଅନୁଗୋଳ ଆଡକୁ ଦ୍ରୁତ ଗତିରେ ଯାଉଥିବା ବେଳେ ଛେଣ୍ଡିପଦା-ଅନୁଗୋଳ ରାସ୍ତାର ସିଆରିମାଳିଆ ନିକଟସ୍ଥ ବୁଲାଣିରେ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଆହତଙ୍କ ଚାଳକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚ ତଦନ୍ତ କରୁଛି।



ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା କାର୍।

# କାକୁଡ଼ିଆରେ ରକ୍ତଦାନ ଶିବିର ପ୍ରସ୍ତୁତି



କାକୁଡିଆ କଲ୍ୟାଣମଣ୍ଡପ ଠାରେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ନେତାମାନେ।

କଣିହାଁ,୬।୧୦ (ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକ କାକୁଡ଼ିଆ ଓ ଡେରଙ୍ଗ ପଞ୍ଚାୟତର ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ ନିମନ୍ତେ କାକୁଡିଆ କଲ୍ୟାଣମଣ୍ଡପ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମହେଶ୍ୱର ସାମଲ ଅଧ୍ୟକ୍ଷତା କରିଥିଲେ। କାକୁଡିଆ କଲ୍ୟାଣ ମଣ୍ଡପ ପରିସରରେ ଆସନ୍ତା ୮ ତାରିଖ ରବିବାର ଏହି ରକ୍ତଦାନ ଶିବିର ଆୟୋଜିତ ହେବ। ସକାଳ ୮ଟା ରୁ ଏହା ଆରମ୍ଭ ହୋଇ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ପାଲଲହଡ଼ା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁଭାଷ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଏହି ଶିବିରରେ ବହୁ ସଂଖ୍ୟାରେ ରକ୍ତଦାତା ଉପସ୍ଥିତ ରହି ରକ୍ତଦାନ କରିବାକୁ ନିବେଦନ କରାଯାଇଛି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ପୁରୁଷୋତ୍ତମ ସାହୁ, ସୁଶାନ୍ତ କୁମାର ସାହୁ, ସନ୍ତୋଷ କୁମାର ବେହେରା, ବିଭୂତି ଭୂଷଣ ସାହୁ, ଦୁର୍ଯ୍ୟୋଧନ ଜେନା, ଯୁବ ବିଜେଡି ସଭାପତି ଗଗନ ବିହାରୀ ରାଉତ, ସୀମାଞ୍ଚଳ ପଣ୍ଡା, ଜୟନ୍ତ କୁମାର ପ୍ରଧାନ, ପ୍ରଶାନ୍ତ ସାହୁ, ରାଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିପଦ ସଙ୍କେତ ଉପରେ ଜଳସ୍ତର

କଣିହାଁ, ୬।୧୦ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମରୁ ଗୁରୁବାର ସନ୍ଧ୍ୟାରୁ ୮ ନମ୍ବର ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଏ ସମ୍ପର୍କରେ ଡ୍ୟାମ୍ ଡିଭିଜନର ଯନ୍ତ୍ରୀ ଶଙ୍କରାନନ୍ଦ ରଣା କହିଛନ୍ତି, ଜଳସ୍ତର ବିପଦ ସଙ୍କେତ ଉପରେ ଅଛି। ଡ୍ୟାମ୍‌ର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଏହା ବୃଦ୍ଧି ପାଇବା ଯୋଗୁ ଗେଟ୍ ଖୋଲାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଡ୍ୟାମ୍‌ରେ ୧୨୩.୭୭ ମିଟର ଜଳ ରହିଛି। ପ୍ରତି ସେକେଣ୍ଡରେ ଡ୍ୟାମ୍‌ରୁ ୨୪୮୦ ଘନ ମିଟର ଜଳ ନିଷ୍କାସନ ହେଉଛି। ଉପର ମୁଣ୍ଡରୁ ପ୍ରତି ସେକେଣ୍ଡେରେ ୨୩୭୦ ଘନମିଟର ଜଳ ଡ୍ୟାମ୍‌କୁ ପ୍ରବେଶ କରୁଛି।



ଡ୍ୟାମ୍‌ର ଗୋଟିଏ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି।

# ୧୦୦ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ,୬।୧୦(ଅମିତ କୁମାର ସାମଲ)

ଅନୁଗୋଳ ସରକାରୀ କନିଷ୍ଠ ମହାବିଦ୍ୟାଳୟ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ସୀତାଂଶୁ ଶେଖର ଖୋରା, ଅନୁଗୋଳ ବନ ଅଧିକାରୀ ବିବେକ କୁମାର, ଆଠମଲ୍ଲିକ ବନ ଅଧିକାରୀ ସନ୍ତୋଷ କାଲୁଆ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର କର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ତଥା ସେମାନଙ୍କ ପରିଚିତ ବ୍ୟକ୍ତିମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍, ଯୁବ ରେଡ୍‌କ୍ରସ, ଏନ୍‌ସିସି ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ଅଧ୍ୟାପକ ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଧ୍ୟାପିକା ସ୍ମିତା ମଲ୍ଲିକ, ବନ୍ଦନା ଖାଲକୋ, ଅଧ୍ୟାପକ ନବୀନ ଧରୁଆ, ଅଧ୍ୟାପକ ସୁଶାନ୍ତ ସାହୁ, କର୍ମଚାରୀ ସୁବାଶିଷ ଜେନା, ଲ୍ୟାବ ଅଧିକାରୀ ଅର୍ଦ୍ଧେନ୍ଦୁ ମଲ୍ଲିକ ଏହାକୁ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ନୀଳାଚଳ ପଟେଲ, ବରିଷ୍ଠ ଅଧ୍ୟାପକ କ୍ୟାପଟେନ ଅଭିମନ୍ୟୁ ଦାସ, ବରିଷ୍ଠ ଅଧ୍ୟାପକ ଅଭୟ ମଲ୍ଲିକ ଓ ମନୋରଞ୍ଜନ ମିଶ୍ର ସଂଯୋଜନାରେ ସହାୟତା କରିଥିଲେ। ଅଧ୍ୟାପିକା ଶାଶ୍ୱତୀ ଶୁଭଦର୍ଶିନୀ, ସୁଜ୍ଞାନୀ ରଥ, ବରିଷ୍ଠ ଅଧ୍ୟାପକ ବସନ୍ତ ସାହୁ ଓ ନୀଳାଚଳ ପଟେଲ, ଅଧ୍ୟାପକ ସୁଶାନ୍ତ ସାହୁ, ରାକେଶ ବେହେରା ଓ ଏନ୍‌ଏସ୍‌ଏସ୍ ଅଧ୍ୟାପକ ସୂର୍ଯ୍ୟକାନ୍ତ ସ୍ୱାଇଁ ପ୍ରମୁଖ ରକ୍ତଦାନ କରିଥିଲେ।



ରକ୍ତଦାତାଙ୍କୁ ଅତିଥିମାନେ ଉତ୍ସାହିତ କରୁଛନ୍ତି।

# ସଚେତନ କଲେ ବରିଷ୍ଠ ଥେରାପିଷ୍ଟ

### ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳନ

ଅନୁଗୋଳ,୬।୧୦ (ଅମିତ କୁମାର ସାମଲ)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେଶନର ଜିନ୍ଦଲ ଆଶା କେନ୍ଦ୍ର ପକ୍ଷରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ମସ୍ତିଷ୍କ ପକ୍ଷାଘାତ କ'ଣ ଏବଂ ଏହାର କିପରି ନିରାକରଣ କରାଯାଇପାରିବ, ବିଶେଷକରି ଥେରାପି ମାଧ୍ୟମରେ ଏଥିରୁ କିଭଳି ଉପଶମ ମିଳିପାରିବ ସେ ସମ୍ପର୍କରେ ବିଭିନ୍ନ ଗ୍ରାମରୁ ଆସିଥିବା ଗ୍ରାମବାସୀଙ୍କୁ ବରିଷ୍ଠ ଥେରାପିଷ୍ଟଙ୍କ ଦ୍ୱାରା ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ମହାପାତ୍ର ଜିନ୍ଦଲ ଆଶା କେନ୍ଦ୍ରର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଜେଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଜିନ୍ଦଲ ଆଶା କେନ୍ଦ୍ରର ପିଲାଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ, ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ଭାଗ ନେଇଥିବା ସମସ୍ତ ମସ୍ତିଷ୍କ ପକ୍ଷାଘାତ ଶିଶୁଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ସିଏସ୍‌ଆର ମୁଖ୍ୟ ଆଶୁତୋଷ ମିଶ୍ର, ସହ ପ୍ରବନ୍ଧକ ତାପସ କୁମାର ମହାନ୍ତି, ଜିନ୍ଦଲ ଆଶା କେନ୍ଦ୍ର ପରିଚାଳନା ଅଧିକାରୀ ସୁଶ୍ରୀ ହୀମାଦ୍ରି ନନ୍ଦିନୀ ରାଉତଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଜେଏସ୍‌ପି ଫାଉଣ୍ଡେଶନର ଜିନ୍ଦଲ ଆଶା କେନ୍ଦ୍ର ପକ୍ଷରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

